ପ୍ରେସ୍‌ନୋଟ୍

## ଜିଲ୍ଲା ସ୍ତରୀୟ ଏଡସ୍ ନିୟନ୍ତ୍ରଣ କମିଟି ବୈଠକ ଅନୁଷ୍ଠିତ ।

ଅନୁଗୋଳ, ତା,୫.୧୧:- ଗତକାଲି ଅପରାହ୍ନରେ ଜିଲ୍ଲା ସ୍ତରୀୟ ଏଡସ୍ ନିୟନ୍ତ୍ରଣ କମିଟି ଓ ମା' ଠାରୁ ସନ୍ତାନ ସନ୍ତତିମାନଂକୁ ଏଚ୍ ଆଇ ଭି /ଏଡସ୍ ସଂକ୍ରମଣ ପ୍ରତିରୋଧ( ଇ ଏମ୍ ଟି ସି ଟି) ବୈଠକ ଜିଲ୍ଲାପାଳଙ୍କ କୋର୍ଟ ରୁମ୍ ଠାରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଶ୍ରୀ ରଜନୀକାନ୍ତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ ସମସ୍ତଂକୁ ସ୍ୱାଗତ ଜଣାଇବା ସହ ବୈଠକର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଜିଲ୍ଲା ଏଡସ ନିୟନ୍ତ୍ରଣ ଅଧିକାରୀ ଡ. ବିଶ୍ୱ ବିହାରି ମହାନ୍ତି ଗତ ବୈଠକରେ ନିଆଯାଇଥିବା ନିଷ୍ପତ୍ତିର କାର୍ଯ୍ୟକାରିତା ସମ୍ପର୍କରେ ଆଲୋକପାତ କରିଥିଲେ । ଏଡସ ପ୍ରତିକାର ଓ ନିୟନ୍ତ୍ରଣ ୟୁନିଟ ଅଧିକାରିଣୀ ଡ.ପ୍ରମିଳା ହୋତା ଅନୁଗୋଳ ଜିଲ୍ଲାରେ ଏଚ୍ ଆଇ ଭି /ଏଡସ୍‌ର ସ୍ଥିତ ସମ୍ପର୍କରେ ଅବଗତ କରାଇବା ସହ ବିଶ୍ୱ ଏଡସ୍ ଦିବସ ୨୦୨୨ ପାଳନ ନିମନ୍ତେ ସମସ୍ତଂକ ସହଯୋଗ କାମନା କରିଥିଲେ । ସମସ୍ତ ଗର୍ଭବତୀ ମହିଳା ତିନିମାସ ମଧ୍ୟରେ ଏଚ୍ ଆଇ ଭି ପରିକ୍ଷା କରାଇବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ଲକ୍ଷ୍ୟ ଭେଦି ପ୍ରକଳ୍ପ ଏବଂ ସି ଏସ୍ ସିର କର୍ମକର୍ତ୍ତାମାନେ ଏଚ୍ ଆଇ ଭି /ଏଡସ୍ ଜନିତ ମୃତ୍ୟୁ ସମ୍ପର୍କରେ ପି ପି ଟି ସେଣ୍ଟରକୁ ଜଣାଇବେ । ଜିଲ୍ଲାର ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ଆସନ୍ତା ଡିସେମ୍ବର ୧ ତାରିଖରେ ବିଶ୍ୱ ଏଡସ୍ ଦିବସ ପାଳନ ଅବସରରେ ଏଚ୍ ଆଇ ଭି /ଏଡସ୍ ର ପ୍ରତିରୋଧ ଓ ନିୟନ୍ତ୍ରଣ ନିମନ୍ତେ ଶପଥ ନେବେ । ଶେଷରେ ଏ ଆର ଟି ସେଣ୍ଟରର ସିନିୟର ମେଡିକାଲ ଅଫିସର ଡ.ସାଶ୍ୱତ ସାଗର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।

ଜ୍ଞାପକ ସଂଖ୍ୟା. ୬୫୨ ତା. ୫.୧୧. ୨୦୨୨ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,ଅନୁଗୋଳ ।

୫.୧୧.୨୨


COURT OF THE COLLECTOR & DISTRICT MAGISTRATE
ANGUL

